SAMBAD, JULY 12, 2015

ଜିଏମ୍‌ଆର୍ ପକ୍ଷରୁ ଟେଷ୍ଟ ପେପର୍ ବଣ୍ଟନ

ଢେଙ୍କାନାଳ, ୧୧।୭ (ଇମିସ): ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ କମଳାଙ୍ଗସ୍ଥିତ ଜିଏମ୍‌ଆର୍ କମଳାଙ୍ଗ ଏନର୍ଜୀ ଲିମିଟେଡ୍ ପକ୍ଷରୁ ଗତ ୯ ତାରିଖରେ ମାନପୁରସ୍ଥିତ ପଞ୍ଚାୟତ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟ ପେପର୍ ବଣ୍ଟନ ଜରାଯାଇଛି। ମୋଟ ୮୫ ଜଣ ଛାତ୍ରଛାତ୍ରୀଙ୍କୁ ଟେଷ୍ଟ ପେପର୍ ବଣ୍ଟନ କରାଯାଇଥିଲା। ଦିଲ୍ଲୀସ୍ଥିତ ଆଇଡିଏଫ୍‌ସିର ଅଶୋକ ଇମାନୀ, ଜିକେଇଲ୍‌ର ସୁଶାନ୍ତ ସାହୁ, ସନ୍ତୋଷ ସାହୁ, ମଞ୍ଜୁନାଥ ଭେତିଗେପାଲୀ, ସୁଶୀଲ ଚୌଧୁରୀ, ରମେଶ କୁମାର ରୁନିଆର, ଦିଲ୍ଲୀପ କୁମାର କର ଛାତ୍ରଛାତ୍ରୀମାନଙ୍କୁ ଟେଷ୍ଟ ପେପର୍ ବଣ୍ଟନ କରିଥିଲେ। କଠିନ ପରିଶ୍ରମ କରି ଆଗାମୀ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହ ମଙ୍ଗଳପୁର ପଞ୍ଚାୟତର ଗୌରବ ରଖିବା ପାଇଁ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଅତିଥିମାନେ ୬୫ଟି ତାରା ସ୍କୁଲ ପରିସରରେ ରୋପଣ କରିଥିଲେ। ଅନ୍ୟ ଏକ କାର୍ଯ୍ୟକ୍ରମରେ ଜିକେଇଲ୍ ୩ ଜଣ ଜମିହରା ପରିବାରଙ୍କୁ ସାହାଯ୍ୟ ଯୋଗାଇଦେଇଛି। ଭଗାମୁଣ୍ଡା ଗ୍ରାମର ନାରାୟଣ ବେହେରାଙ୍କୁ ସିଲେଇ ମେସିନ୍ ଯୋଗାଇ ଦିଆଯାଇଥିବା ବେଳେ ଅଚଳକୋଟ ଗ୍ରାମର ନାରାୟଣ ସାହୁଙ୍କୁ ଡ୍ରେସ୍, ଶାଢ଼ୀ ଓ ଦୁର୍ଗାପୁର ଗ୍ରାମର ଲିନୁ ସାହୁଙ୍କୁ ବୈଦ୍ୟୁତିକ ଯନ୍ତ୍ରପାତି ଯୋଗାଇ ଦିଆଯାଇଥିଲା। ଜିକେଇଲ୍‌ର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଅରବିନ୍ଦ ପାଣି ଓ ହରେଣ ପଟ୍ଟନାୟକ ହିତାଧିକାରୀଙ୍କୁ ଉପକରଣ ବଣ୍ଟନ କରିଥିଲେ।

- **GKEL distributed Test Papers (objective and subjective) to class-X students of Panchayat High School at Manpur in Mangalpur Panchayat, on July 9, 2015.**
- **Total 85 students of the school received Test Papers.**
- **GKEL extended its helping hand to three land loser persons in Mangalpur Panchayat.**